ରାଧାବରହ ବୋଲି

ରଘୁନାଥ ସାହୁଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ

ଶାରଦା ପ୍ରେସ୍

ବ୍ରହ୍ମପୁର, ଗଞ୍ଜାମ

୧୯୩୧

ମୂଲ୍ୟ ଦୁଇପଇସା

Digitized by srujanika@gmail.com

ଶ୍ରୀ ରାଧା ବିରହ ବୋଲି

ହେନେ ଦୂତିକ ଉଚ୍ଚାରଣ ରାଧା ବୋଲେ ବଚନ । କହୁଛି କରିବ ସଜନୀ ଯେଣୁ ଅଛୁ ପରାଣ ॥୧॥ ଦୂତିବୋଲେ ଅଗୋ ସଖୀ ଏହା କହ କାହ୍ନଙ୍କ । ବନ୍ଧୁ ପଢ଼ାଇ ପ୍ରାପ୍ତେ ଲାଗେ ମୋର କର୍ଣ୍ଣେ ଶୁଣିଲ ।୨। ଦୂତୀ ବାଣୀଶୁଣି ବୋଲନ୍ତି ସେହେ ବ୍ରଜ ନାୟିକା । ଯେଉଁ ଜ୍ୱର ମତେ ଅଛି ଶୁଣିବାକୁ ନ ଠିକା ।୩। କହୁଛି କରିବ ସଜନୀ ଶୁଣ ମୋର ଉତ୍ତର । ଅନଙ୍ଗ ଜ୍ୱର ମୋ ଦେହରେ ଲାଗୁଛି ନିରନ୍ତର ।୪। ଦୂତୀ ବୋଲେ ଅଗୋ ସଜନି ଯାହା ମାଗିବୁ ତୁହି । ଖୋଜି ଖୋଜି ନନ୍ଦେ ଆଣିଣ ତୋତେ ଦେବି ଭେଟାଇ ॥୫॥ ଦୂତୀ ଠାରୁ ଏହା ଶୁଣିଣ ରାଧା ବୋଲେ ବଚନ । କହୁଅଛୁ ନାମ ଧରଣ ଆଣିଦିଅ ବହନ ॥୬॥ ଜଗନ୍ନାଥବଲ୍ଲଭ ଖେଳଡ଼ି ହର ନାମରେ ଦିଅ । ଶ୍ରୀ ମଧୁସୂଦନ ପଥରେ ଦୂତୀ ପଚାରି ଦିଅ ॥୭॥ ପତିତ ପାବନ ପଇଡ଼ି ମୋର ମନକୁ ରୁଚ । ନାରାୟଣ ଜଳ ରାଇତା ଦେଲେ ଗିଳନ୍ତି ସୁଖେ ॥୮॥ ଜଗବନ୍ଧୁ ବଡ଼ ଦେବଙ୍କର ଡାଭ ଥିବନ୍ତି ପାଣି । ଚମ୍ପା ଲେଉଟିଆ ସାଗ ଟିଗୋ ଦୂତୀ ଦେବନ୍ତି ଆଣି ॥୯॥ ଭୁବନମୋହିଆ କାଞ୍ଜି ଗୋ ଦୂତୀ ଦେବୁ ବହନ । କଦମ୍ବ ମୂଳଆ କଦଳ ଭଜାଠାରେ ମୋ ମନ ।୧୦। ଗୋବିନ୍ଦ ଗୋପାଳ ସଜନା ଦୂତୀ ଦେବୁଟି ଆଣି । ଶ୍ରୀ ହର ଲେମ୍ବୁର ଆମ୍ବୁଲ ଦୂତୀ ଥିବୁଟି ହେନ ।୧୧। ଭଗତବତ୍ସଳ ବାଙ୍ଗିଣ ଦୂତୀ ଥିବୁଟି ଆଣି । ଅଚ୍ୟୁତ ନାମରେ ନବାତ ପଣା ଥିବ ସଜନୀ ।୧୨। ଏତେ ଦ୍ରବ୍ୟ ଦେଲେ ଦୂତୀ ଗୋ ମୋତେ ପଥ୍ୟ ରୁଚିବ । ବୋଲେ ପ୍ରଶ୍ନରାମ ବହାଶୀ ରାଧା ଜୀବ ଦୂଷିବ ।୧୩। ଏହା ଶୁଣି ଦୂତୀ କାତର ହୋଇ ମଉଳେ ଚନ୍ଦ୍ର । କହୁଛି

Digitized by srujanika@gmail.com

କରୁଥିବ ସଜନୀ କାହ୍ନୁ ଦେଖୁଛି ମୁହିଁ ।୧୪। ଦିଅ ତୋର ବେଶ ଭୂଷଣି
ଅଙ୍ଗେ ମଣ୍ଡି ହୋଇବି । ଯେଣେ ଥିବ ସେଯେ ବଇଦ ଭାଇ ଖୋଜି
ଆଣିବି ।୧୫। ଏହା ଶୁଣି କର ଶ୍ରୀମତୀ ସେଯେ ବହନେ ଗଲି । ଅଯୁ
ଅଳଙ୍କାର ଭୂଷଣ ଆଣି ଦୂତିକି ଦେଲି ।୧୬। ପଦୁରେ ଖଞ୍ଜିଲା ନୂପୁର
ବଳା ବାଙ୍କେଣୀ ମାନ । ତଥିର ତଳକୁ ଅଳତା ଦିଶେ କି ଶୋଭାବନ
।୧୭। ପିନ୍ଧିଲା ସୁଝୀନ ପତନୀ ଫେର ଉଚ୍ଚେ ତଳକୁ । ଅଣ୍ଟାରେ ଯେ
ଅଣ୍ଟାପାଟଅ ଶୋଭା ପାଏ ତାହାକୁ ।୧୮। ବାହେ ତାଡ଼ ବଳା ଖଞ୍ଜିଲା
ଦିଶେ କି ଶୋଭାବନ । ହସ୍ତରେ ଖଞ୍ଜିଲା ରତ୍ନର ଚୂଡ଼ୀ ତଳେ କଙ୍କଣ
।୧୯। ଅଙ୍ଗୁଷ୍ଠି ମାନଙ୍କେ ମୁଦ୍ରିକା ଦିଶେ କି ଶୋଭାବନ । କି ଅବା
ପୂର୍ଣ୍ଣିମା ଦିନର ଶୋଭା ଚନ୍ଦ୍ର ଯେସନ ।୨୦। ବେକେ ଗୋପହାର
ଖଞ୍ଜିଲା ସ୍ୱର୍ଣ୍ଣ ତାଟଙ୍କ ମାନ । ଦଣ୍ଡି ନଥ ଗୁଣା ସହିତେ ଦୂତୀ ମଣ୍ଡିଲା ପୁଣ
ଲଲାଟେ ଅଳକା ପନ୍ତି ଯେ ଝଟଝଟ ଦିଶିଲା । ସେଥିପରେ କଅଁ ପତର
ଦୂତୀ ମନେ ଖଞ୍ଜିଲା ।୨୨। ଏହି ମତେ ବେଶ ହୋଇଣ ଦୂତୀ ବହନ
ଗଲା । ହସ୍ତିନା କଟକେ ଦୂତୀ ଯେ ଯାଇ ପ୍ରବେଶ ହେଲା ।୨୩।
ଦେଖିଲେ ସେ ଦୂରୁ ସୁନ୍ଦର ଦିଶେ କି ମନୋହର । କେଲ୍ଲ ବିଶ୍ୱକର୍ମା
ଗଢ଼ିଲା ଜାଣିବ କାହା ଘର ।୨୪। ବାରୁଣୀ ପୁରରେ ଦୂତୀକା ପ୍ରବେଶ
ହେଲା ଯାଇ । ଖୋଜିଲାକ ଯାଇ ସେପୁର ବଇଦ ତହିଁ ନାହିଁ ।୨୫।
ଚନ୍ଦ୍ରଭାପୁରରେ ଖୋଜିଲା ଦୂତୀ ଅଛି ଅଭୁରେ । ଘରେ ଘରେ ପଶି
ଖୋଜିଲା ବଦ୍ୟ ନାହିଁ ତହିଁରେ ।୨୬। ସେପୁରେ ନ ଦେଖି କାତରେ
ଦୂତୀ ବହନେ ଗଲା । ଗୋପପୁରେ ଯାଇ କଦମ୍ବ ମୂଳେ ପ୍ରବେଶ ହେଲା
ଅଛି ଶ୍ରମ ପାଇଁ ଦୂତୀକା ସେହି ଠାବରେ ବସି । ନିଦେ ଅସ୍ୱକତ ଅଙ୍ଗ
ମୋ ନିଦ ହୋଇଲା ଅପି ।୨୮। ଏମନ୍ତ ସମୟେ ସେ ନନ୍ଦନନ୍ଦନ ଆସି
ମିଳି । ଝଣ୍ଡହୁରୁ ଦେଖି ଦୂତୀକା ସେଯେ ମନରେ ଭାଳ ।୨୯। କି ଶୁଭ

Digitized by srujanika@gmail.com

ବେଳାବେଳେ ଅଳ ସେ ପାଇ ଗଲାଟେ ଲାଗି । ମୋପ୍ରାଣ ବଲ୍ଲଭ ରାଧିକା କଦମ୍ବ ମୂଳେ ବସି ॥୩୦॥ ଯାହାର ନିମନ୍ତେ ମୁହିଁ ଯେ କଂସାସୁର ରୂପ ହେଲି । କାତର ମୂରଛି ଧରଣୀ ଭକ୍ତେ କାତ ବହିଲି ॥୩୧॥ ଭୃତ୍ୟ ହେଲି ଦିନେ ମୁହିଁ ଯେ ଚନ୍ଦ୍ର ସେଣାଙ୍କ ପୁଅ । ମୂର୍ଛା ହୋଇ ଖୋଷା କାଟିଲି ଦିନେ ମୁଁ ରାଧିକାର ॥୩୨॥ ଦିନେ ଘଡ଼ିଥିଲ ହୋଇଣ ଗାଟେ ଘଣ୍ଟ ମାଗିଲି । ମଥୁରା ଯିବାର ବେଳେ ଯେ ପାଠ ଅସଲ ଭଲି ॥୩୩॥ ଏତେ ବୋଲି ନନ୍ଦ ନନ୍ଦନ ଅତି ଆନନ୍ଦେ ଗଲେ । କଦମ୍ବ ମୂଳରେ ଦୂତୀଙ୍କ କୋଳ କରି ଧରିଲେ ॥୩୪॥ ବୋଇଲେ କପାଇଁ ବିରସ ମୁଖେ ବସିଛୁ ସହି । ମଥାଟେକ ବାରେ ନ ରହୁଁ କଥା ଗୋ ରହନ୍ତମୁହିଁ ॥୩୫॥ ଦୂତୀ ବୋଲେ କିପ କହିବ ଶୁଣ ନନ୍ଦ ନନ୍ଦନ । ଅନଙ୍ଗ ଜ୍ୱର ଯେ ଆସିଛି ମୋର ସଖୀଙ୍କ ଜାଣ ॥୩୬॥ କରିବି କରିବ ଏଥିକି ଭରସା ନାହିଁ ମୋର । କେଉଁ ମହୌଷଧି ଖାଇଲେ ଜ୍ୱର ନ ଗଲା ତାର ॥୩୭॥ ବୋଲନ୍ତି ଶ୍ରୀକୃଷ୍ଣ ଶୁଣ ଗୋ ଦୂତୀ ବ୍ରଜ ଚତୁର । ଏହିଠାରେ ବସି ଅଛାଉଁ ଥିବୁଟି ସହଚରୀ ॥୩୮॥ ଏହି ବାଟରେ ଗୋ ଆସିବେ ଯେଯେ ବଇଦ ପୁଣ । ଜାତରେ ଅଟନ୍ତି ସେହିଗୋ ବେଦାନ୍ତ ବ୍ରାହ୍ମଣ ॥୩୯॥ ଏମନ୍ତ କହିଣ ଦୂତୀ କି କୃଷ୍ଣ ବଦନ ଗଲେ । ଶ୍ରୀ ବୃନ୍ଦାବନରେ ଗୋବନ ଯାଇ ପ୍ରବେଶ ହେଲେ ॥୪୦॥ ମାୟାରେ ବଇଦ ସ୍ୱରୂପ ହୋଇଲେ କି ଶ୍ରୀହରି । ଝୁଲିମୁଣା କାଖେ ଜାକିଲେ ଛତା କଠାଉ ଭିଡ଼ି ॥୪୧॥ ସୁବର୍ଣ୍ଣ ପଇତା କାନ୍ଧରେ ଦିଶୁଛି ଶୋଭାବନ । ନୟନରେ ସରୁ କଜ୍ଜଳ କିବା କନ୍ଦର୍ପ ବାଣ ॥୪୨॥ ଏମନ୍ତେ ସ୍ୱରୂପ ହୋଇଣ ବୃନ୍ଦାବନ ବାହାର । କଦମ୍ବ ମୂଳରେ ଦୂତୀଙ୍କର ପାଶେ ହେଲେ କର । ଦୂତୀଙ୍କ କୋଳ କରିଣ ଯେ ପଶୁଚନ୍ତି ଶ୍ରୀହରି । କପାଇଁ ବିରସ ବଦନେ ବସିଛ ବିମ୍ବାଧରି ॥୪୪॥ ଦୂତୀ ବୋଲେ ଆହେ ବଇଦ ଶୁଣ ମୋର

Digitized by srujanika@gmail.com

ଉତ୍ତର । ମୋପ୍ରାଣ ବଲ୍ଲଭୀ ରାଧାର ଅଙ୍ଗେ ହେଉଛି ଜ୍ୱର ॥୪୫॥ ତେଣୁ
ମୁଁ ବଇଦ ଖୋଜଇଁ ଜାଣି ତୁ ନାଗରନ୍ତର । ଆମ୍ଭେ ଯେ ବଇଦ ଅଟ
ବୋ ଚାଲ ଯିବା ପାଶର ॥୪୬॥ କେମନ୍ତେ ସେ ଜ୍ୱର ଦେଖିବା ଯାଇ
ଯିବନ୍ତି ପୁଣି । ଏତେ ବୋଲି ଦୂତୀ ବଇଦ ହୋଇ ଗଲେଟି ପୁଣି ॥୪୭॥
ଚନ୍ଦ୍ରସେଣାପୁର ରାଧାର ମନ୍ଦିରେ ବିଜେ କଲେ । ଦୂତୀର ପାଶରେ
ବସିଣ ବଇଦ ଯେ ଦେଖିଲେ ॥୪୮॥ ଦେଖିଲେ ରାଧାର ନାଡିକା
ଲଗାଇଣ ଶ୍ରୀକର । ବୋଇଲେ ଏହାର ଅଙ୍ଗରେ ଲାଗିଛି ଭୂତଜ୍ୱର ।
ବୋଇଲେ ଆଜକ ରହିଲେ ଜ୍ୱର ଛଡ଼ାଇ ଦେବି । କାଲି ପ୍ରଭାତରୁ
ମେଲାଣି ଦେଲେ ମୁଁ ପଛେ ଯିବି ॥୫୦॥ ରହିଲେ ରାଧାର ମନ୍ଦିରେ
ଗୋବିନ୍ଦ ନିଶୀ ଯାକ । ରତ୍ନଖଟେ ବସେ ଆରମ୍ଭ କଲେ କରୁଣ ପକ୍ଷ ॥
ବୋଇଲେ ସଜନୀ ବହୁତ କାଳୁ ତୋତେ ନ ଦେଖି । ଅନଙ୍ଗ ଜ୍ୱାଳାରେ
ମୋହର ଦେହ ଗଲାଣି ସୁଖି ॥୫୨॥ ରାଧିକା ବୋଲନ୍ତି ଶୁଣ ହେ ପ୍ରଭୁ
ନନ୍ଦ ନନ୍ଦନ । ନେତ୍ର ପୁରାଇ ମୁଁ ଦେଖିଲି ପାପ ହେଲା ଦହନ ॥୫୩॥
ଭୁଜ ଭିଡ଼ି ଆଲିଙ୍ଗନ ଯେ କରନ୍ତି ଦଇହାର । ରତିଶ୍ରମ ପାଇ ଶ୍ରୀଅଙ୍ଗ
ବହି ଯାଉଛି ଧାର ॥୫୪॥ ଏମନ୍ତେ ଶ୍ରୀରାଧା ଗୋବିନ୍ଦ କେଳି ବିନୋଦ
କଲେ । ରଜନୀ ପାହିଲା କୁକ୍କୁଟମାନେ ଯେ ରାବ ଦେଲେ ॥୫୫॥
ଚମକିଣି ହୋଇଣ ଶ୍ରୀହରି ବେଗେ ହେଲେ ବାହାର । ହରି ଯହୁଁ ଗଲେ
ରାଧାର ଛାଡ଼ି ଗଲାଟି ଜ୍ୱର ॥୫୬॥ ଶ୍ରୀବୃନ୍ଦାବନରେ ଗୋବିନ୍ଦ ଯାଇ
ହେଲେ ପ୍ରବେଶ । ମାୟା ରୂପଛାଡ଼ି ଶ୍ରୀହରି ହେଲେ ଗୋବିନ୍ଦ ବେଶ ॥
ନିଜ ମନ୍ଦିରରେ ଗୋବିନ୍ଦ ଯାଇ ପ୍ରବେଶ ପୁଣି । ବୋଇଲେ ପର୍ଶୁରାମ
ବିହାରୀ ପଦ୍ମପାଦେ ଶରଣ ॥୫୮॥

— ❀ ସମାପ୍ତ ❀ —

ବ୍ରହ୍ମପୁର ଶାରଦା ପ୍ରେସ୍‌ରେ ଶ୍ରୀ ଶ୍ୟାମସୁନ୍ଦର ପାଢ଼ୀଙ୍କ ଦ୍ୱାରା ମୁଦ୍ରିତ ୧୯୩

Digitized by srujanika@gmail.com

ସନ୍ନ୍ୟାସୀ ପୁସ୍ତକାଳୟ

ବ୍ରହ୍ମପୁର, ଗଞ୍ଜାମ

ବେପାରୀମାନଙ୍କୁ ବଡ଼ ସୁବିଧାରେ କମିଶନ୍ ଦିଆଯାଉ ଅଛି ।

ଅଧ୍ୟାତ୍ମ ରାମାୟଣ	ଟ ୧ ୪	ସଙ୍ଗୀତ ଗୀତପୋଥି	ଟ ୦ ୷
କାନ୍ତ କୋଇଲି	ଟ ୦ ୩ ।	,, ଚମ୍ପାଫୁଲ	ଟ ୦ ୶
କହନ୍ତି ମାଏ	ଟ ୦ ୩ ।	,, ରସିକବନ୍ଧୁ	ଟ ୦ ୶
କୋଇଲି ମାଳିକା	ଟ ୦ / ।	,, ରସିକମଣି ୧ମ	ଟ ୦/୩
ଲକ୍ଷ୍ମୀପୁରାଣ	ଟ ୦ ୶ ।	,, ସାଗର	ଟ ୦/୬
ଦୁର୍ଗାସ୍ତୁତି	ଟ ୦ / ।	,, ରସିକମଣି ୨ୟ	ଟ ୦/୩
ଲକ୍ଷ୍ମଣ ଶକ୍ତିଭେଦ	ଟ ୦ ୯ ।	,, ରସରସିକା	ଟ ୦/୬
ଭକ୍ତଗୋବିନ୍ଦ ସଙ୍କୀର୍ତ୍ତନ	ଟ ୦ ୶ ।	ସଖୀନାଚ ସଙ୍ଗୀତ	ଟ ୦ ।
ଦ୍ରୌପଦୀ ସ୍ୱୟମ୍ବର	ଟ ୦ ୶ ।	ଘୁଡ଼ିକ ଚୌପଦୀ	ଟ ୦ ୶
ମୃଗୁଣୀ ସ୍ତୁତି	ଟ ୦ / ।	ପ୍ରଭାତ ଅବକାଶ	ଟ ୦ /
ତ୍ରିନାଥ ମେଳା	ଟ ୦ ୪ ।	ମଙ୍ଗଳ ଗୀତ	ଟ ୦ ୩
ନଷ୍ଟଗ୍ରେସୀ	ଟ ୦ ୬ ।	କୋଳଗୀତ	ଟ ୦ ୩
ସରହ୍ୱୋଲ	ଟ ୦ ୬ ।	ଗୃଣକ୍ୟନୀତ	ଟ ୦ ୶
ଗୋପୀଭାଷା	ଟ ୦ / ।	ବୈଦେହୀ ଚଉତିଶା	ଟ ୦ ୬
ରାସକ୍ରୀଡ଼ା	ଟ ୦ /୬ ।	ନାବକେଳି	ଟ ୦ /
ଗୁଣସାଗର	ଟ ୦ ୷ ।	ଭ୍ରମରବର ପାଲା	ଟ ୦ ୶
ମଥୁରା ମଙ୍ଗଳ	ଟ ୦ ।/ ।	କାଳଅନ୍ଧାରି	ଟ ୦ /
ଭଗବଦ୍ ଗୀତା (କୃଷ୍ଣ)	ଟ ୦ । ।	ଶରୀରାର୍ଥ ଭଜନ	ଟ ୦ ୶
ଅବତଡ଼ାଣ	ଟ ୦ ୯ ।	ସୁଦଶା ବ୍ରତ	ଟ ୦ /

ପୁସ୍ତକ ବିକ୍ରେତାମାନେ ଅଳ୍ପ ମୂଲ୍ୟରେ ନେଇ ପାରିବେ ।

ପ୍ରାପ୍ତିସ୍ଥାନ—ରଘୁନାଥ ସାହୁ—ମାର୍ଥସାହି ବ୍ରହ୍ମପୁର, ଗଞ୍ଜାମ

Digitized by srujanika@gmail.com